ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୦ ମାର୍ଚ୍ଚ, ୨୦୨୩



## ସଂକ୍ଷେପରେ

### ଲିଫ୍ଟ ମାଗି ଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ

ଦାରିଙ୍ଗବାଡି,୯।୩(ଡି.ଏନ.ଏ)-କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଅଞ୍ଚଳରେ ଗୁରୁବାର ବାଇକ୍‌ରେ ଲିଫ୍ଟ ମାଗି ଜଣେ ଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଛନ୍ତି କୋଟଗଡ଼ ବ୍ଲକ ରାଣିପାଙ୍ଗା ବିଦ୍ୟାଳୟର ଶିକ୍ଷକ ନହୁ ପ୍ରଧାନ। ତାଙ୍କ ନିଜ ଗ୍ରାମ ଦାରିଙ୍ଗବାଡି ବ୍ଲକ ବୁଡାଙ୍ଗପିପିଲି। ସେ ସକାଳେ ସ୍କୁଲକୁ ବାଇକରେ ଯିବାବେଳେ ତାଙ୍କ ସମ୍ପର୍କୀୟ ସାନ ପ୍ରଧାନ ତାଙ୍କୁ ଲିଫ୍ଟ ମାଗିଥିଲେ। ନହୁ ବାଇକରେ ସାନଙ୍କୁ ନେଇ ଯିବା ସମୟରେ ପର୍ତ୍ତମାହା ପଞ୍ଚାୟତ କଟାବାଡି ଗ୍ରାମ ନିକଟ ଏକ ଜଙ୍ଗଲ ନିକଟରେ ଏକ ଧାରୁଆ ଅସ୍ତ୍ରରେ ପଛପଟୁ ବେକକୁ ଆକ୍ରମଣ କରିଥିଲେ। ପରେ ଗୋଟିଏ ପୋଲ ତଳକୁ ଠେଲି ଦେଇଥିଲେ। ଜଙ୍ଗଲରେ କାମ କରୁଥିବା ଲୋକ ନହୁଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ନହୁଙ୍କୁ ପ୍ରଥମେ ଦାରିଙ୍ଗବାଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅଭିଯୁକ୍ତ ସାନଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

### ମହିଳାଙ୍କ ମୃତଦେହ ଜବତ

ପାରଳାଖେମୁଣ୍ଡି,୯।୩ (ଡି.ଏନ୍.ଏ): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ନୂଆ ବସ୍‌ଷ୍ଟାଣ୍ଡ ପରିସରରେ ପରିତ୍ୟକ୍ତ ଅବସ୍ଥାରେ ଥିବା ପୌରପରିଷଦ ମାର୍କେଟ କମ୍ପ୍ଲେକ୍ସ ବାରଣ୍ଡାରୁ ମହିଳାଙ୍କ ମୃତଦେହ ଜବତ କରାଯାଇଛି । ଉକ୍ତ ମହିଳାଜଣଙ୍କ ମାନସିକ ରୋଗୀ ହୋଇଥିବା ବେଳେ ସେ ବହୁ ବର୍ଷ ଉକ୍ତ ବସଷ୍ଟାଣ୍ଡରେ ଭିକ୍ଷା ବୃତ୍ତି କରି ରହୁଥିଲେ। ସୋମବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ମଙ୍ଗଳବାର ସକାଳେ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ଆଦର୍ଶ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ନିମନ୍ତେ ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା।

### ଗଣେଶ ମାର୍କେଟରୁ ଜଣଙ୍କ ମୃତଦେହ ଜବତ

ବୁଗୁଡ଼ା,୯।୩(ଡି.ଏନ୍.ଏ.)-ବୁଗୁଡ଼ା ଗଣେଶ ମାର୍କେଟରୁ ଜଣେ ବ୍ୟକ୍ତିଙ୍କ ମୃତ ଦେହ ପୋଲିସ ଜବତ କରିଥିବା ଜଣାପଡ଼ିଛି। ମୃତକ ହେଲେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଗଣ୍ଡାଧର ଗ୍ରାମର ପ୍ରଫୁଲ୍ଲ ନାୟକ। ମଙ୍ଗଳବାର ସକାଳେ ମାର୍କେଟରେ ଜଣେ ଅଜଣା ବ୍ୟକ୍ତି ଶୋଇଥିବା ଦେଖାଯାଇଥିଲା। ବୁଧବାର ସକାଳ ସୁଦ୍ଧା ସେ ସେପରି ଅବସ୍ଥାରେ ପଡ଼ି ରହିଥିବାରୁ ଲୋକଙ୍କ ମନରେ ସନ୍ଦେହ ହୋଇଥିଲା। ଏ ନେଇ ପୋଲିସ ପାଖରେ ଖବର ପହଞ୍ଚିଥିଲା। ତାଙ୍କ ଭଉଣୀ ଓ ଭାଇ ପହଞ୍ଚିବା ପରେ ତାଙ୍କର ପରିଚୟ ସ୍ପଷ୍ଟ ହୋଇଥିଲା। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ. ୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ହୋଲିରେ ଅଘଟଣ, ଗଛରେ ପିଟିହେଲା କାର୍, ଚାଳକ ମୃତ

ବୁଗୁଡ଼ା,୯।୩(ଡି.ଏନ.ଏ.)-ବୁଗୁଡ଼ା-ବାଲିପଦର ମୁଖ୍ୟ ରାସ୍ତା ବାଙ୍କେଶ୍ୱରୀ ମନ୍ଦିର ଓ ପାଙ୍ଗିଡ଼ି ମଧରେ ଏକ ଗଛରେ ପିଟିହୋଇ କାର୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅରଖପୁର ଗ୍ରାମର କାଲୁ ଚରଣ ଦଳେଇ(୩୨)। ବୁଧବାର ସନ୍ଧ୍ୟାରେ କାଲୁ କାର୍ (ନଂ. ଓଡି ୦୨ ସିଡି -୨୫୦୪)ରେ ବୁଗୁଡ଼ାରେ ତେଲ ପକାଇବା ପାଇଁ ଘରୁ ଆସିଥିଲେ। ଗ୍ରାମକୁ ପ୍ରାୟ ୧୦ଟାରେ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। କାର୍ ଭିତରେ ଚାପିହୋଇ ରହିଥିବା ମୃତଦେହ ଜବତକରି ବୁଗୁଡ଼ା ମେଡିକାଲକୁ ଆଣିଥିଲା। ନଂ. ୧୬୨/୨୩ରେ ଏକ ମାମଲା ରୁଜୁ କରଛି।

# ପଞ୍ଚାୟତ ସଶକ୍ତୀକରଣ ପୁରସ୍କାର, ରଙ୍ଗେଇଲୁଣ୍ଡା ପ୍ରଥମ

ଛତ୍ରପୁର, ୯।୩(ଡି.ଏନ୍.ଏ)




ଭୁବନେଶ୍ୱରଠାରେ ମନ୍ତ୍ରୀଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ।

ପଞ୍ଚାୟତସ୍ତରରେ ହେଉଥିବା ବିଭିନ୍ନ ଯୋଜନା ସଫଳ ରୂପାୟନ ପାଇଁ ଗଞ୍ଜାମ ଜିଲା ଓଡିଶା ରାଜ୍ୟରେ ପ୍ରଥମ ସ୍ଥାନରେ ରହିଛି । ଏଥିଲାଗି ଗଞ୍ଜାମ ଜିଲାକୁ ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ପଞ୍ଚାୟତ ସଶକ୍ତୀକରଣ ପୁରସ୍କାର ମିଳିଛି। ଭୁବନେଶ୍ୱର ଠାରେ ଜିଲା ପରିଷଦ ଅଧ୍ୟକ୍ଷା ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କିର୍ତ୍ତିଭାସନ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ଅମାତଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଏଥିପାଇଁ ୫୦ ଲକ୍ଷ ଟଙ୍କାର ଚେକ୍ ମଧ୍ୟ ମିଳିଛି । ସେହିପରି ଗଞ୍ଜାମ ଜିଲାର ରଙ୍ଗେଇଲୁଣ୍ଡା ବ୍ଲକ ରାଜ୍ୟରେ ବ୍ଲକସ୍ତରରେ ପ୍ରଥମ ହୋଇ ପୁରସ୍କାର ପାଇଛି ଏବଂ ୩୦ ଲକ୍ଷ ଟଙ୍କାର ଚେକ୍ ମିଳିଛି । ଆହୁରି ଗଞ୍ଜାମ ଜିଲାର ୧୦ ପଞ୍ଚାୟତ ମଧ୍ୟ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟସ୍ତରରେ ର୍‍ୟାଙ୍କ ରଖି ପୁରସ୍କୃତ ହୋଇଛନ୍ତି । ସେଥିମଧ୍ୟରେ ଗରିବମୁକ୍ତ ଓ ଜିବୀକା ଉନ୍ନତି ପଞ୍ଚାୟତ ଭାବେ ରାଜ୍ୟସ୍ତରରେ ୨ ନମ୍ବର ର୍‍ୟାଙ୍କ ରଖି ଖଲିକୋଟ ବ୍ଲକ ଡିମିରିଆ ଓ ୩ ନମ୍ବର ର୍‍ୟାଙ୍କ ରଖି ସୋରଡା ବ୍ଲକର ଗୋଛା ପଞ୍ଚାୟତ ପୁରସ୍କୃତ ହୋଇଛି । ସେହିପରି ରାଜ୍ୟରେ ସୁସ୍ଥ ଭାବେ ହିଞ୍ଜିଳି ବ୍ଲକର କଞ୍ଚୁରୁ (ପ୍ରଥମ), ଚାଇଲ୍ଡ ଫ୍ରେଣ୍ଡଲି ପଞ୍ଚାୟତ ଭାବେ ରାଜ୍ୟରେ ରଙ୍ଗେଇଲୁଣ୍ଡା ବ୍ଲକର ଚାନ୍ଦପୁର ( ଦ୍ୱିତୀୟ), ପର୍ଯ୍ୟାପ୍ତ ପାଣି ଥିବା ପଂଚାୟତ ଭାବେ ହିଂଜିଳି ବ୍ଲକ ର ନନ୍ଦିକ (ତୃତୀୟ), କ୍ଲିନ୍ ଓ ଗ୍ରୀନ୍ ପଞ୍ଚାୟତ ଭାବେ ହିଞ୍ଜିଳି ବ୍ଲକର ଶାସନଆମ୍ବଗାଁ (ପ୍ରଥମ), ସେଲ୍ଫ ସଫିସେଣ୍ଟ ଇନଫ୍ରାଷ୍ଟ୍ରକଚର ପଞ୍ଚାୟତ ଭାବେ ହିଞ୍ଜିଳି ବ୍ଲକର ସାରୁ ପଞ୍ଚାୟତ (ଦ୍ୱିତୀୟ), ସାମାଜିକ ସୁରକ୍ଷିତ ପଞ୍ଚାୟତ ଭାବେ ଭଞ୍ଜନଗର ବ୍ଲକର କୁଲାଡ ( ଦ୍ୱିତୀୟ), ଗୁଡ ଗଭର୍ନାନ୍ସ ପଞ୍ଚାୟତ ଭାବେ ଛତ୍ରପୁର ବ୍ଲକ ଚମାଖଣ୍ଡି ପଞ୍ଚାୟତ (ଦ୍ୱିତୀୟ), ମହିଳା ଫ୍ରେଣ୍ଡଲି ପଞ୍ଚାୟତ ଭାବେ ଶେରଗଡ ବ୍ଲକର ଧନତରା ( ତୃତୀୟ) କୁ ଆର୍ଥିକ ପୁରସ୍କାର ମିଳିଛି । ଏନେଇ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଶୁଭେଚ୍ଛା ଜଣାଇଛନ୍ତି ।

# ଅନ୍ତର୍ଜାତୀୟ ମହିଳା ଦିବସ ଓ ହୋଲି ଉତ୍ସବ

ପାରଳାଖେମୁଣ୍ଡି,୯।୩ (ଡି.ଏନ୍.ଏ):

ପାରଳାଖେମୁଣ୍ଡିସ୍ଥିତ ୟୁଟେକ-କମ୍ପ୍ୟୁଟର ସେଣ୍ଟର ପରିସରରେ ଆନ୍ତର୍ଜାତିକ ମହିଳା ଦିବସ ଏବଂ ହୋଲି ଉତ୍ସବ ପ୍ରଗତି ମହିଳା ସଙ୍ଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଦେଶ ଓ ଜାତିର ସାମଗ୍ରୀକ ବିକାଶରେ ନାରୀମାନଙ୍କ ଭୂମିକା ଓ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତାମାନେ କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦିକା ତନୁଜା ଶତପଥୀ ବିବରଣୀ ପାଠ କରିଥିଲେ । ସେହିଭଳି ସବିତା ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଡ. ଅଜୟ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଡିପିଏମ ସୁଶ୍ରୀ ସୌମ୍ୟକ୍ଷ ରାଣୀ ଗୌଡ଼, ସଂଗଠନର ସଭାନେତ୍ରୀ ଡି ପ୍ରିୟଙ୍କା, କାର୍ଯ୍ୟକାରିଣୀ ସଭାନେତ୍ରୀ କଳ୍ପନା ପଟ୍ଟନାୟକ ପ୍ରମୁଖଙ୍କ ସମେତ ଭାଗବତ ପାଢୀ, ସଂଯୋଜକ ଲୋକନାଥ ମିଶ୍ର ମଞ୍ଚାସୀନ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କ ଅଧିକାର, ସୁରକ୍ଷା ଓ ସଶକ୍ତୀକରଣ ପ୍ରଭୃତିର ବିଭିନ୍ନ ଦିଗ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଏହି ଅବସରରେ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏସ.ଲକ୍ଷ୍ମୀଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମାନସୀ ପଣ୍ଡା, ପ୍ରଫୁଲ୍ଲ ବେବର୍ତ୍ତା, ଶରତ ପ୍ରଧାନ ଏବଂ ଗୁରୁ କୈଳାସ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଜଙ୍ଗଲ ନିଆଁ ରୋକିବାକୁ ଗ୍ରାମବାସୀଙ୍କ ଶପଥ



ଡିଏଫଓ ଲୋକଙ୍କୁ ସଚେତନ କରୁଛନ୍ତି।

ଭଞ୍ଜନଗର, ୯।୩(ଡି.ଏନ୍.ଏ)

ଗଞ୍ଜାମ ଜିଲା ଭଞ୍ଜନଗରସ୍ଥିତ ଉତ୍ତର ଘୁମୁସର ବନଖଣ୍ଡ ପକ୍ଷରୁ ଜଙ୍ଗଲ ନିଆଁ ରୋକିବା ପାଇଁ ଜନସଚେତନତା କାର୍ଯ୍ୟକ୍ରମ ଜୋରଦାର କରାଯାଇଛି। ବନ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କୁ ନେଇ ପ୍ରତି ଗ୍ରାମରେ ଜଙ୍ଗଲ ପୋଡିକୁ କିଭଳି ରୋକାଯିବ ସେ ନେଇ ପ୍ରଚାର ପତ୍ର ବଣ୍ଟନ କରାଯାଉଛି। ମଙ୍ଗଳବାର ଦୁର୍ଗାପ୍ରସାଦଠାରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବନ ସୁରକ୍ଷା ସମିତି କର୍ମକର୍ତ୍ତା ଏବଂ ବନ କର୍ମଚାରୀ ଯୋଗଦେଇ ଜଙ୍ଗଲ ନିଆଁକୁ ରୋକିବା ପାଇଁ ଶପଥ ନେଇଥିଲେ। ଡିଏଫଓ ସୁଦର୍ଶନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏସିଏଫ ବିକ୍ରମ ଦେବ ପଟ୍ଟନାୟକ, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା, ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ, ଭଞ୍ଜନଗର ଏନଏସି ଏମ୍ପି ପ୍ରତିନିଧି ପଞ୍ଚାନନ ପାଳ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ସତପଥୀ, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁରେଶ ସ୍ୱାଇଁ, କଳାକାର ଜଗଦୀଶ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ପୋଡି ରୋକିବା ଉପରେ ଲୋକଙ୍କୁ ସଚେତନତା କରିଥିଲେ।

# ଘୁମୁସର ଜିଲା ଦାବି, ୨୭ରେ ଭଞ୍ଜନଗର ବନ୍ଦ

ଭଞ୍ଜନଗର, ୯।୩(ଡି.ଏନ୍.ଏ):



ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦେବାକୁ ଯାଉଛନ୍ତି କର୍ମକର୍ତ୍ତା।

ଘୁମୁସର ଜିଲା ଦାବି ନେଇ ଘୁମୁସର ଜିଲା ଆନ୍ଦୋଳନ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ୨୭ ତାରିଖରେ ଭଞ୍ଜନଗର ବନ୍ଦ ଡାକରା ଦିଆଯାଇଛି। ତେଣୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉପଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ସୋମନାଥ ନାୟକ, ହରେକୃଷ୍ଣ ସାହୁ, ପ୍ରଶାନ୍ତ ବିଶୋଇ, ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଭଞ୍ଜନଗର ବାର ଆସୋସିଏଶନ କାର୍ଯ୍ୟାଳୟ ପରିସରରେ ଘୁମୁସର ଜିଲା ଦାବି ନେଇ ଏକ ବୈଠକ ହୋଇଥିଲା। ଉତ୍କଳ ସାମ୍ବାଦିକ ସଂଘ ଭଞ୍ଜନଗର ଶାଖାର ଆହ୍ୱାନ କ୍ରମେ ଆୟୋଜିତ ବୈଠକରେ ସଂଘର ସଭାପତି ପ୍ରଦୀପ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦ୍ୟୁମ୍ନ ନାୟକ, ଘୁମୁସର ଜିଲା ଉପସଭାପତି ଅଯୋଧ୍ୟାନାଥ ମହାପାତ୍ର, ପିସିସି ସଭ୍ୟ ଦେବୀ ପ୍ରସାଦ ବିଷୋୟୀ, ଭଞ୍ଜନଗର ଓକିଲ ସଂଘ ସଭାପତି ସନ୍ତୋଷ କୁମାର ନାୟକ, ବରିଷ୍ଠ ଓକିଲ ରବୀନ୍ଦ୍ର ନାଥ ଦାଶ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଆଇନଜୀବୀ ଖରାଂଶୁ ଶେଖର ଦାଶ, ବଣିକ ସଂଘ ସଭାପତି ମୃତ୍ୟୁଞ୍ଜୟ ସୁବୁଦ୍ଧି, ରୋଟାରୀ କ୍ଲବ କର୍ମକର୍ତ୍ତା ଶ୍ରୀନିବାସ ସୁବୁଦ୍ଧି, ରାଧାକୃଷ୍ଣ ପାଠାଗାରର ଭଞ୍ଜ କିଶୋର ପ୍ରଧାନ, ଘୁମୁସର ଲେଖିକା ସଂଘର ସଭ୍ୟା ସୁଜାତା ସିଂ, ବିପଦର ବନ୍ଧୁ ଅନୁଷ୍ଠାନର ଅରକ୍ଷିତ ପରିଚ୍ଛା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ସହସମ୍ପାଦକ ଚିନ୍ମୟ କୁମାର ବେବର୍ତ୍ତା ସାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ନଚିକେତା ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ଉତ୍କଳ ସାମ୍ବାଦିକ ସଂଘ ଉପସଭାପତି ଅମରେନ୍ଦ୍ର ପଟ୍ଟନାୟକ, କୋଷାଧ୍ୟକ୍ଷ ଗିରିଶ ଚନ୍ଦ୍ର ସାହୁ, ବ୍ଲକ ସଂଯୋଜକ ପୁରୁଷୋତ୍ତମ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

### ଟ୍ରକ୍-ବାଇକ୍ ମୁହାଁମୁହିଁ ଧକ୍କା, ଯୁବକ ମୃତ

ଗୋପାଳପୁର,୯।୩(ଡି.ଏନ୍.ଏ.)

ଗତ ୭ ତାରିଖ ରାତିରେ ୧୬ ନମ୍ବର ଜାତୀୟ ରାଜପଥରେ ଗୋଳନ୍ଥରା ଥାନା ଅଧିନସ୍ଥ ହରିପୁର ଛକ ନିକଟରେ ଟ୍ରକ ବାଇକ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଜଣକ ହେଲେ ଆନ୍ଧ୍ରପ୍ରଦେଶ ରାଜ୍ୟର ଶ୍ରୀକାକୁଲମ ଜିଲାର ଇଦପୁରମ ଗ୍ରାମର ଡ଼ି.ହରିପ୍ରସାଦ ବୋଲି ଜଣାପଡ଼ିଛି। ସୂଚନାନୁସାରେ, ଶ୍ରୀକାକୁଲମ ଜିଲାର ଇଦପୁରମ ଗ୍ରାମର ଡ଼ି.ହରିପ୍ରସାଦ ଗୋପାଳପୁର ଥାନା ଅଧିନସ୍ଥ ଗୋଳାବନ୍ଧ ନିଜ ଶ୍ୱଶୁର ଘରକୁ ୭ ତାରିଖରେ ଆସିଥିଲେ। ରାତି ପ୍ରାୟ ୧୧ଟା ସମୟରେ ହରିପ୍ରସାଦ ଗ୍ରାମ ଅଭିମୁଖେ ଆସୁଥିବା ବେଳେ ଗୋଳନ୍ଥରା ଥାନା ନିକଟସ୍ଥ ହରିପୁର ଛକ ନିକଟରେ ବିପରୀତ ଦିଗରୁ ଏକ ଟ୍ରକ ଆସି ହରିପ୍ରସାଦଙ୍କ ବାଇକକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ହରିପ୍ରସାଦଙ୍କ ମୃତ୍ୟୁ ଘଟିଥିଲା। ପରିବାର ପକ୍ଷରୁ ଗୋଳନ୍ଥରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୪୦/ ୨୩ ରେ ମାମଲା ରୁଜୁ କରି ବୁଧବାର ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### କ୍ଲିନିକ୍‌ରେ ଚଢ଼ାଉ, ନକଲି ଡାକ୍ତରଙ୍କୁ ନୋଟିସ

ବୁଗୁଡ଼ା,୯।୩(ଡି.ଏନ.ଏ.)

ବୁଗୁଡ଼ା ଅଞ୍ଚଳର ସହରାଞ୍ଚଳଠାରୁ ଆରମ୍ଭକରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଚାରିଆଡ଼େ ଛତୁ ଫୁଟିବା ପରି ମାଳ ମାଳ ବେଆଇନ କ୍ଲିନିକ ଖୋଲାଯାଇଥିବା ଦେଖିବାକୁ ମିଳିଛି। ସହରର ଗଣେଶ ମାର୍କେଟ ସଂଲଗ୍ନ ଏକ ବେଆଇନ କ୍ଲିନିକ୍ ଉପରେ ଗୁରୁବାର ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ବେଆଇନ ସେବା କାରବାରର ପ୍ରମାଣ ସହ ଏଥିରେ ସମ୍ପୃକ୍ତ ନକଲି ଡାକ୍ତରଙ୍କୁ ପୋଲିସ ଉଠାଇ ଆଣିଥିଲା। ଏହି ଘଟଣାକୁ ନେଇ ପରିସ୍ଥିତି ଅଣାୟତ୍ତ ହେବାରୁ ନଂ.୧୫୮/୨୩ରେ ଏକ ମାମଲା ରୁଜୁ ସହ ୪୧ରେ ନୋଟିସ କରି ସମ୍ପୃକ୍ତ ଡାକ୍ତରଙ୍କୁ ଛାଡି ଦେଇଛି। ପୂର୍ବରୁ ଠିକ୍ ଏଭଳି ଏକ ଘଟଣାରେ କଳମ୍ବ ଗ୍ରାମସ୍ଥ ଏକ ବେଆଇନ କ୍ଲିନିକ ସହ ସମ୍ପୃକ୍ତ ନକଲି ଡାକ୍ତରଙ୍କୁ ଗିରଫକରି ଜେଲ ପଠା ଯାଇଥିଲା। ବର୍ତ୍ତମାନ ପୁଣି ପ୍ରଶାସନ ପକ୍ଷରୁ ଚଢାଉ ହେବା ଫଳରେ ଅଞ୍ଚଳରେ ଥିବା ବେଆଇନ କ୍ଲିନିକ୍‌ଗୁଡିକର କ୍ୱାକ୍‌ମାନଙ୍କ ଭିତରେ ଛନକା ପଶିଛି। ଉକ୍ତ ଚଢାଉରେ ସ୍ଥାନୀୟ ତହସିଲଦାର ସଂଗ୍ରାମ କେଶରୀ ଜେନା, ଆଡିସନାଲ୍ ଆଇଆଇସି ଶର୍ମିଷ୍ଠା ପ୍ରଧାନ ଓ ଡ୍ରଗସ୍ ଇନ୍ସପେକ୍ଟର ପ୍ରସନ୍ନ ମଲ୍ଲିକ ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ସାମିଲ ଥିଲେ।

# ୧୬ ଠାକୁରଙ୍କ ମହାମିଳନ

ଗଞ୍ଜାମ,୯।୩(ଡି.ଏନ.ଏ.)



ସୁସଜ୍ଜିତ ଦୋଳ ବିମାନରେ ଠାକୁର।

ଗଞ୍ଜାମ ସହରରେ ତିନିଦିନ ଧରି ଚାଲିଥିବା ଐତିହାସିକ ଦୋଳଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ୧୬ ଠାକୁରଙ୍କ ମହାମିଳନ ହୋଇଥିଲା। ବିଭିନ୍ନ ସାହିରେ ଶ୍ରୀକୃଷ୍ଣ ଓ ରାଧାରାଣୀଙ୍କ ଯୁଗଳ ମୂର୍ତ୍ତି, ଓଡ଼ିଆ ଡାମଣା ସାହିର ରାମେଶ୍ୱର ମହାଦେବ ଓ ପୁଇଁତୋଳାର ହନୁମାନ ମୋଟ ୧୬ଟି ଠାକୁରଙ୍କ ସମ୍ମୁଖରେ ବଜାର ଯାତ୍ରା ସ୍ଥଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଯାତ୍ରା ପୂର୍ବରୁ ବଜାର ଯାତ୍ରା ସ୍ଥଳକୁ ଠାକୁର ମାନଙ୍କୁ ସୁସଜ୍ଜିତ ଦୋଳ ବିମାନରେ ଉପବେଶନ କରାଯାଇ ବିରାଟ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା। ପରେ ପୁରୁଣା ଜଗନ୍ନାଥ ମନ୍ଦିର ନିକଟରୁ ଗଲା ସମ୍ପ୍ରଦାୟଙ୍କ ଦ୍ୱାରା କୋହଲା ପରିକ୍ରମା କରାଯିବା ପରେ ଯାତ୍ରା ବଜାର ଯାତ୍ରା ଆରମ୍ଭ ହୋଇଥିଲା। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏନ୍‌ଏସି ପ୍ରଶାସନ, ମନ୍ଦିର ପରିଚାଳନା କମିଟି, ସମସ୍ତ ଅଞ୍ଚଳବାସୀଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳା ସହକାରେ ଯାତ୍ରା ସମାପିତ ହୋଇଥିଲା।

### ତାଲା ବନ୍ଦ ଘରୁ ଚୋରି

ଗୋପାଳପୁର,୯।୩(ଡି.ଏନ.ଏ.)

ଗୋଳନ୍ଥରା ଥାନା ରାଳବ ଗାଁ ଗ୍ରାମ ନିକଟରେ ଥିବା ଏକ ତାଲା ବନ୍ଦ ଘରୁ ଚୋରି ହୋଇଥିବା ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ରାଳବ ଗାଁ ନିକଟରେ ଭଗବାନ ସାହୁ ଓ ତାଙ୍କ ପରିବାର ଗତ ୨ ତାରିଖରେ ଘରେ ତାଲା ପକାଇ ମୁମ୍ବାଇ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରେ ପଶି ଦୁଇଟି ପେଡ଼ି ଓ ତିନୋଟି ଆଲମୀରା ତାଡ଼ି ସୁନା ମୁଦି ୮ଟି, ଗୋଟିଏ ଚେନ, ଦୁଇଟି କାନ ଫୁଲ, ହୀରା ମୁଦି ଓ ଅନ୍ୟାନ୍ୟ ଜିନିଷ ପତ୍ର ଚୋରି ହୋଇଥିଲା। ତାଙ୍କ ସମ୍ପର୍କୀୟ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ନମ୍ବର ୧୪୧/୨୩ ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

### ଦୃଷ୍ଟିହୀନ, ବଧିର ବିଦ୍ୟାଳୟରେ ଉତ୍ସବ ପାଳନ



ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ, ବଧିର, ମାନସିକ ଅନଗ୍ରସର ଓ ମସ୍ତିଷ୍କ ସ୍ୱତନ୍ତ୍ର ବିଦ୍ୟାଳୟରେ ଜିଲାପାଳ ଓ ଅନ୍ୟମାନେ।

ଆର.ଉଦୟଗିରି,୯।୩(ଡି.ଏନ୍.ଏ.)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ, ବଧିର, ମାନସିକ ଅନଗ୍ରସର ଓ ମସ୍ତିଷ୍କ ପକ୍ଷାଘାତ ବିଦ୍ୟାଳୟରେ ଦଲାଇଲାମାଙ୍କ ଦୀର୍ଘ ଜୀବନ କାମନା ପୂର୍ବକ ଏକ ସ୍ୱତନ୍ତ୍ର ଉତ୍ସବକୁ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ଗୁରୁବାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମହେନ୍ଦ୍ରଗଡ ତିବ୍ବତିଆନ ସେଟେଲମେଣ୍ଟ ତରଫରୁ ଭିନ୍ନକ୍ଷମ ଅନ୍ତେବାସୀଙ୍କ ନିମନ୍ତେ ଏକ ୱାଟର ଫିଲ୍‌ଟର, ୧୦୦ ଖାଇବା ଟ୍ରେ, ୧୦୦ ଗ୍ଲାସ୍, ୧୦ ଷ୍ଟିଲ ର୍‍ୟାକ୍ ଓ ଅନ୍ୟାନ୍ୟ ଗ୍ରୋସେରି ସାମଗ୍ରୀ ପ୍ରଦାନ କରିଥିଲେ। ଏହା ବ୍ୟତୀତ ଛାତ୍ରୀଛାତ୍ରମାନେ କ୍ଷୀର ପିଇବା ପାଇଁ ଏକ ଗାଈ ଦେଇଥିଲେ। ମଧ୍ୟାହ୍ନଭୋଜନ ରୋଷେଇ କରି ମଧ୍ୟ ପିଲାଙ୍କୁ ଖାଇବାକୁ ଦିଆଯାଇଥିଲା। ଜିଲାପାଳ ବଧିର ପିଲାଙ୍କ ସହ ସାଙ୍କେତିକ ଭାଷା ମାଧ୍ୟମରେ କଥାବାର୍ତ୍ତା କରି ଆନନ୍ଦ ଅନୁଭବ କରିଥିଲେ। ଉତ୍ସବରେ ଜିଲା ବିଜେଡି ସଭାପତି ଜଗବନ୍ଧୁ ଦାସ, ବିଦ୍ୟାଳୟ ସମ୍ପାଦକ ଦଣ୍ଡାସୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷାବିତ ମଧୁସୂଦନ ପାଢ଼ୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମୋହନା ସରପଞ୍ଚ ସୁନିତା ମଲ୍ଲିକ, ଆଦିବାସୀ ଉନ୍ନୟନ ପରିଷଦ ସଭ୍ୟ ରାଜୀବ ମଲ୍ଲିକ, ତିବ୍ବତିଆନ୍ ସଂଘ ସଭାପତି ମିଷ୍ଟେର ଖେମୋ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବ୍ୟଙ୍ଗ କବି ମଧୁସୂଦନ ନାୟକ ଅତିଥିଙ୍କୁ ତାଙ୍କର କବିତା ମାଧ୍ୟମରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ତର୍ଜାତୀୟ ମହିଳା ଦିବସ

ଜି.ଉଦୟଗିରି/ବୁଗୁଡ଼ା, ୯।୩(ଡି.ଏନ.ଏ.)




ଜି.ଉଦୟଗିରିରେ ମହିଳା ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଜି.ଉଦୟଗିରି ବ୍ଲକ ଅନ୍ତରଙ୍ଗ ଯୁବ ମହା ସଂଘ, ମିଶନ ଶକ୍ତି, ମହିଳା ଜୀବିକା ସୁରକ୍ଷା ମଞ୍ଚ, ପ୍ରଦାତ୍ତା, ଆଇନା, ସେୱା, ନାୱ ଓ ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚର ମିଳିତ ଆନୁକୁଲ୍ୟରେ ବ୍ଲକ ସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ବୁଧବାର ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ମୁଖ୍ୟ ବକ୍ତା ଫୁଲବାଣୀ ମହିଳା ସହାୟକ କେନ୍ଦ୍ର ସହାୟିକା କଳ୍ପନା ମହାନ୍ତି, ସମ୍ମାନୀତ ଅତିଥି କନ୍ଧମାଳ ମହିଳା ସୁରକ୍ଷା ମଞ୍ଚ ଆବାହକ ଅଞ୍ଜନ କୁମାର ପ୍ରଧାନ, ପୂର୍ବତନ ରାଜ୍ୟ ମହିଳା ଆୟୋଗ ସଦସ୍ୟା ଜାଲିନା ପ୍ରିୟଦର୍ଶିନୀ ଓ ମାଲିକପଡିସରପଞ୍ଚ ଝରଣା ପ୍ରଧାନ, ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଲିଙ୍ଗଗତ ସମାନତା ପାଇଁ ଅଭିନବ ଏବଂ ପ୍ରଯୁକ୍ତିବିଦ୍ୟା ଶୀର୍ଷକ ବିଷୟରେ ସମସ୍ତ ଅତିଥିମାନେ ନିଜର ଅଭିଭାଷଣ ରଖିଥିଲେ। ଜି. ଉଦୟଗିରି ବ୍ଲକର ୮ଟି ପଞ୍ଚାୟତର ପ୍ରାୟ ୨୦୦ ଜଣରୁ ଅଧିକ ମହିଳା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଖେଳ ପ୍ରତିଯୋଗିତା କରାଯାଇ କୃତିତ୍ୱମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭାନେତ୍ରୀ ପି ଲକ୍ଷ୍ମୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାର ଶୁଭ୍ରାଞ୍ଜଳି ପ୍ରଧାନ, ଆଇଆଇସି ଅଜୟ କୁମାର ସ୍ୱାଇଁ, ଅଧ୍ୟାପକ ନଳିନୀ କୁମାର ପାଣିଗ୍ରାହୀ, କଳିଙ୍ଗ ବୈଶ୍ୟ ସମାଜର ପୁରଶ୍ରେଷ୍ଠି ପି. ସଞ୍ଜୀବ କୁମାର ପାତ୍ର, ମହିଳା ସଂଘ ସମ୍ପାଦିକା ସ୍ୱାଗତିକା ପାତ୍ର, କୋଷାଧ୍ୟକ୍ଷ ଝିଲି ପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ।

ସେହିପରି ଗଞ୍ଜାମ ଜିଲା ବୁଗୁଡ଼ା ବଡଦାଣ୍ଡସ୍ଥିତ ପେଣ୍ଠଘରଠାରେ କଳିଙ୍ଗ ବୈଶ୍ୟ ମହିଳା ସଂଘ-୨ ପକ୍ଷରୁ ୧୧୨ତମ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପେଣ୍ଠ ପୃଷ୍ଠି ଶେଷଦେବ ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଏଥିରେ ଯୁବକ ସଂଘ ସଭାନେତ୍ରୀ ସନ୍ତୋଷିନୀ ପାତ୍ର, ସମ୍ପାଦିକା ଆରତୀ ପାତ୍ର, କୋଷାଧ୍ୟକ୍ଷା ସିଲକୀ ପାତ୍ର, ସଭାପତି ସୂର୍ଯ୍ୟକାନ୍ତ ସୁବୁଦ୍ଧି, ସମ୍ପାଦକ ରାକେଶ ସୁବୁଦ୍ଧି, ଉପଦେଷ୍ଟା ଦିଲ୍ଲୀପ ପାତ୍ର ପ୍ରମୁଖ ଯୋଗଦେଇ ବିଶ୍ୱ ମହିଳା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ନାରୀ ଜନ୍ମ ଈଶ୍ୱରଙ୍କ ପ୍ରଦତ୍ତ ଏକ ଅମୂଲ୍ୟ ସୃଷ୍ଟି ଏବଂ ସୁସ୍ଥ ସମାଜ ଗଠନରେ ପୁରୁଷର ନାରୀମାନଙ୍କ ପ୍ରତି ସମ୍ମାନ ବୋଧ ଏକ ପ୍ରଧାନ କାର୍ଯ୍ୟ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ବକ୍ତୃତା, ନୃତ୍ୟ ଓ ସଙ୍ଗୀତ ଆଦି ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ବାପୁଜୀ ପାତ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଯୁବତୀଙ୍କୁ ଦୁର୍ବ୍ୟବହାର କରି ଯୁବକ ଗିରଫ

ହିଞ୍ଜିଳିକାଟୁ,୯।୩(ଡି.ଏନ୍.ଏ): ହିଞ୍ଜିଳି ଥାନା କାଞ୍ଜିଆମା ଗ୍ରାମରେ ବୁଧବାର ମଧ୍ୟାହ୍ନରେ ଜଣେ ଯୁବତୀଙ୍କୁ ସେହି ଗ୍ରାମର ଜଣେ ଯୁବକ ଦୁର୍ବ୍ୟବହାର କରି ଗିରଫ ହୋଇଛନ୍ତି। ସେ ହେଲେ ବିକାଶ ବେହେରା ଓରଫ କାଳିଆ। ଏ ନେଇ ଯୁବତୀଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଯୁବତୀ ଜଣକ ପିଣ୍ଡାରେ ବସିଥିବା ବେଳେ କାଳିଆ ତାଙ୍କୁ ଦୁର୍ବ୍ୟବହାର କରି ମାରପିଟ କରିଥିଲେ। ଯୁବତୀ ଜଣକ ଘର ଭିତରକୁ ପଶିଯିବାରୁ କାଳିଆ ମଧ ଘର ଭିତରେ ବଳପୂର୍ବକ ପଶି ମାରପିଟ କରିଥିଲେ। ଏହି ସମୟରେ ଯୁବତୀଙ୍କ ମା' ପ୍ରତିରୋଧ କରିବାରୁ କାଳିଆ ଏକ କାତିରେ ତାଙ୍କୁ ଆକ୍ରମଣ କରିଥିଲେ । ଯୁବତୀଙ୍କ ମା'ଙ୍କ ହାତରେ କ୍ଷତ ହୋଇଥିଲା। ଅନୁରୂପ ଭାବେ ତିନିଜଣ ପଡିଶା ଘରେ ପଶି ମହିଳାମାନଙ୍କୁ ଦୁର୍ବ୍ୟବହାର କରିଥିଲେ। କାଳିଆଙ୍କ ବିରୋଧରେ ଗ୍ରାମର ବହୁ ମହିଳା ହିଞ୍ଜିଳି ଥାନାକୁ ଆସି ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି କାଳିଆଙ୍କୁ ଗିରଫ କରିଛି।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସତ୍ୟନାରାୟଣ କୁଣ୍ଡୁ ନୂତନ ପରୀକ୍ଷା ନିୟନ୍ତ୍ରକ



ବ୍ରହ୍ମପୁର ଅଫିସ,୯।୩- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ ପରୀକ୍ଷା ନିୟନ୍ତ୍ରକ ଭାବେ ଡ଼.ସତ୍ୟନାରାୟଣ କୁଣ୍ଡୁଙ୍କୁ ଦାୟିତ୍ୱ ମିଳିଛି। ଏନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। କୁଣ୍ଡୁ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଗଣିତ ବିଭାଗ ମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏହାପରେ ସେ ସେଠାରେ ଉପ ପରୀକ୍ଷା ନିୟନ୍ତ୍ରକ ଭାବେ ଦାୟିତ୍ୱ ତୁଲାଇଥିଲେ। ବର୍ତ୍ତମାନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଭାବେ ନିଯୁକ୍ତ ହୋଇଛନ୍ତି।

### ବର୍ଗର ହାଉସରୁ ୧୧ଲକ୍ଷର ସାମଗ୍ରୀ ଚୋରି

ବ୍ରହ୍ମପୁର ଅଫିସ,୯।୩-ବ୍ରହ୍ମପୁର ଟାଟା ବେଞ୍ଚ ଛକ ନିକଟ ଏକ ବର୍ଗର ହାଉସରୁ ସମସ୍ତ ସାମଗ୍ରୀ ବୁଧବାର ରାତିରେ ଚୋରି ହୋଇଯାଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ମାଲିକ ନାରାୟଣ ପୃଷ୍ଟିଙ୍କ ଏତଲାକ୍ରମେ ପୋଲିସ ମାମଲା ନଂ ୧୧୦/୨୩ ରୁଜୁକରି ତଦନ୍ତ ଆରମ୍ଭ କରିଛି। ନାରାୟଣଙ୍କ ଅଭିଯୋଗ ଅନୁଯାୟୀ ଗତ ମାସ ୧୪ତାରିଖରେ ଏକ ବିବାହ କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ଏହାର ସୁଯୋଗ ନେଇ କୌଣସି ବ୍ୟକ୍ତି ଦୋକାନରେ ପଶି କଳାକନା ବୁଲାଇଛନ୍ତି। ଚୋରି ସାମଗ୍ରୀର ପରିମାଣ ୧୧ଲକ୍ଷ ଟଙ୍କା ହେବ। ଦୋକାନରୁ ୩ଜଣ ବ୍ୟକ୍ତି ଚୋରି କରୁଥିବାର ଏକ ଭିଡିଓ ମୋବାଇଲରେ ଘୂରି ବୁଲୁଛି। ସେଥିରେ ଜଣେ ମହିଳା ମଧ ସମ୍ପୃକ୍ତ ଅଛନ୍ତି।

### ମା' ଠାକୁରାଣୀ ମନ୍ଦିର ଭିତ୍ତିପ୍ରସ୍ତର ସ୍ଥାପନ

କବିସୂର୍ଯ୍ୟନଗର,୯।୩(ଡି.ଏନ.ଏ.)
କବିସୂର୍ଯ୍ୟନଗର ପଥରାଠାରେ ଗୁରୁବାର ଆସିକା ବିଧାୟିକା ଦ୍ୱାରା ମା' ଠାକୁରାଣୀ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲା ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ଅଧକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ, ଯୁବନେତା ଅଶ୍ୱିନୀ ସ୍ୱାଇଁ ଆଦି ଯୋଗ ଦେଇଥିଲେ। ପୂଜକ ଚନ୍ଦ୍ରମଣି ମିଶ୍ର ଓ ସହଯୋଗୀ ପୂଜାହୋମ ଆଦି କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

### ଆଇନ୍ ସଚେତନତା ଶିବିର

ଛତ୍ରପୁର,୯।୩(ଡି.ଏନ.ଏ): ଛତ୍ରପୁର ତାଲୁକ୍ ଆଇନ ସେବା କମିଟି ପକ୍ଷରୁ ମହିଳା ସଶକ୍ତୀକରଣ ସମ୍ବନ୍ଧୀୟ ଆଇନ ସଚେତନତା ଶିବିର ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ଅଫିସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ଅତିରିକ୍ତ ଜିଲା ଜଜ୍ ତଥା କମିଟି ଅଧକ୍ଷ ମନୋରଞ୍ଜନ ଦାସ ଅଧକ୍ଷତା କରିଥିଲେ । ସମ୍ମାନିତ ଅତିଥି ଭାବେ ସିନିୟର ସିଭିଲ ଜଜ୍ ଅଭିନନ୍ଦିତା ପଣ୍ଡା, ଜେଏମ୍ଏଫ୍ସି ସ୍ୱୟଂସିକ୍ତା ପତି ଯୋଗଦେଇ ମହିଳାମାନଙ୍କ ସୁରକ୍ଷା ପାଇଁ ଥିବା ବିଭନ୍ନ ଆଇନ୍ ଓ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନ୍ ସହାୟତା ଉପରେ ସୂଚନା ଦେଇଥିଲେ । ଲିଗାଲ ଏଡ୍ ମେମ୍ବର ଓକିଲ ମନୋଜ କୁମାର ପାଢୀ, ଓକିଲ ସୁରଜିତ ସାମନ୍ତରାୟ, ସାଧନକର୍ମୀ ଭାବେ ଓକିଲ ସିଏଚ୍ ଜ୍ୟୋତି ରେଡ୍ଡୀ ଓ ଡକ୍ଟର ଅଳକା ମିଶ୍ର, ଚମାଖଣ୍ଡି ସରପଞ୍ଚ ସଂଜୀବ ରେଡ୍ଡୀ, ଚମାଖଣ୍ଡି ଆଇଆଇସି ସୁଦୀପ୍ତ କୁମାର ସାହୁ ଯୋଗଦେଇ ବିଭିନ୍ନ ମହିଳାମାନଙ୍କ ପାଇଁ ଥିବା ବିଭିନ୍ନ ଓ ସଶକ୍ତୀକରଣ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ।

# ପାନୀୟ ଜଳ ଉପରେ ଅଧିକ ଗୁରୁତ୍ୱ



ପଞ୍ଚାୟତ ସମିତି ବୈଠକରେ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଓ ଅନ୍ୟମାନେ।

## ପଞ୍ଚାୟତ ସମିତି ବୈଠକ

ପୋଲସରା,୯।୩(ଡି.ଏନ.ଏ.)
ପୋଲସରା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଗୁରୁବାର ୬ଷ୍ଠ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୋଲସରା ବିଡ଼ିଓ କୈଳାସ ଚନ୍ଦ୍ର ମୁର୍ମୁ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗ ଦେଇ ୨୬ ପଞ୍ଚାୟତର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋକପାତ କରିଥିଲେ। ଏପରିକି ଆଗୁଆ ଗ୍ରୀଷ୍ମଋତୁ ନେଇ କିପରି ପ୍ରତି ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ଠିକ ଭାବେ ହୋଇ ପାରିବ ସେହି ଉପରେ ଅଧିକ ଗୁରୁତ୍ୱ ଦିଆଯିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ପଞ୍ଚାୟତରାଜ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଶତ ପ୍ରତିଶତ ଘରୋଇ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଜାରି ରହିଥିବା ନେଇ ବିଭାଗୀୟ ଯନ୍ତ୍ରୀ ସୂଚନା ଦେଇଥିଲେ। ବିଦ୍ୟୁତ ବିଭାଗ ପକ୍ଷରୁ ପୁରୁଣା ବକେୟା ରାଶିକୁ ଏକା ଥରକେ ପରିଶୋଧ ନିମନ୍ତେ ତିରିଶି ପ୍ରତିଶତ ରିହାତି ବ୍ୟବସ୍ଥା ଗ୍ରହଣ କରାଯାଇଥିବା ନେଇ ସୂଚନା ଦେଇଥିଲେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଶ୍ରମ ଦିବସ ଧାର୍ଯ୍ୟ ଲକ୍ଷ୍ୟର ମୋଟ ୭୦ ପ୍ରତିଶତ ହାସଲ ହୋଇଥିବା ବେଳେ ୩ ହଜାର ୮୭୪ ପ୍ରକଳ୍ପ ଅନୁମୋଦନ ହୋଇଛି। ସେଥି ମଧ୍ୟରୁ ୧୧୭୪ଟି ପ୍ରକଳ୍ପ ନିର୍ମାଣାଧୀନ ରହିଥିବା ବେଳେ ୨୨୨ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ନିମିନା ପଞ୍ଚାୟତ ରେ ସର୍ବାଧିକ ଶ୍ରମଦିବସ ସୃଷ୍ଟି ହୋଇଥିବା ବେଳେ ମାଳ ତେନ୍ତୁଳିଆ ପଞ୍ଚାୟତରେ ସର୍ବନିମ୍ନ ଶ୍ରମଦିବସ ସୃଷ୍ଟି ହୋଇଥିବା ନେଇ ବିଭାଗୀୟ ଅଧିକାରୀ ରଞ୍ଜନ ନାହାକ ସୂଚନା ଦେଇଛନ୍ତି। ବୈଠକରେ ମୃତ୍ତିକା ସଂରକ୍ଷଣ ବିଭାଗ ଅନୁପସ୍ଥିତ ଥିବାରୁ ଏକ ନୋଟିସ୍ ଜାରି କରିବା ନିମନ୍ତେ ଶ୍ରମମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ ବ୍ଲକ ଅଧକ୍ଷା କଳ୍ପନା କୁମାରୀ ପ୍ରଧାନ, ଉପାଧକ୍ଷ କାହ୍ନୁ ଚରଣ ପରିଡ଼ା, ଅତିରିକ୍ତ ବିଡିଓ ଧର୍ମରାଜ୍ ପରିଡ଼ା, ସହକାରୀ ନିର୍ବାହୀ ଯନ୍ତ୍ରୀ ଭିକାରୀ ଖଣ୍ଡୁଆଳ, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ବିକ୍ରମ କୁମାର ନାୟକ, ଘନଶ୍ୟାମ ଦାସ, ସାଂସଦ ପ୍ରତିନିଧି ପ୍ରତାପ ଚନ୍ଦ୍ର ପ୍ରଧାନ, ବିଧାୟକ ପ୍ରତିନିଧି ସୁକାନ୍ତ କୁମାର ଭୂୟାଁ ସମେତ ସମସ୍ତ ସରପଞ୍ଚ , ସମିତି ସଭ୍ୟ ଓ ପ୍ରମୁଖ ବିଭାଗର ଅଧିକାରୀ ମାନେ ମଞ୍ଚାସୀନ ଥିଲେ।

## ମଦଭାଟି କର୍ମଚାରୀଙ୍କୁ ଆକ୍ରମଣ ଘଟଣା

# ବାପା ସମେତ ୨ ପୁଅ କୋର୍ଟଚାଲାଣ

ଗୋପାଳପୁର,୯।୩(ଡି.ଏନ.ଏ.)
ମଦଭାଟିର କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ବାପାଙ୍କ ସମେତ ୨ ପୁଅଙ୍କୁ ଗୋଳନ୍ଥରା ପୋଲିସ ଗୁରୁବାର ଗିରଫକରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଜୁଗୁଡ଼ି ଗ୍ରାମର ଚିନ୍ତାମଣି ସାହୁ (୫୫), ପୁଅ ଭାସ୍କର ସାହୁ ଓ ତାଙ୍କ ଭାଇ ପଙ୍କଜ ସାହୁ। ଯୁଗୁଡ଼ିରେ ସରକାରୀ ଦେଶୀ ମଦ ଭାଟିରେ ଦଣ୍ଡପାଣି ସାହୁ କର୍ମଚାରୀ ଭାବେ କାମ କରୁଥିଲେ। ବୁଧବାର ସେ ଭାଟିରେ ଖାଉଥିବା ବେଳେ ଉକ୍ତ ଗ୍ରାମର ଚିନ୍ତାମଣି ତାଙ୍କ ପୁଅ ଭାସ୍କର ଓ ପଙ୍କଜ ମିଶି ଭାଟିକୁ ଯାଇ ଡ଼ାକିଥିଲେ। ଏହି ସମୟରେ ହଠାତ କୌଣସି ଏକ କଥାକୁ ନେଇ ଚିନ୍ତାମଣି ଓ ତାଙ୍କ ଦୁଇ ପୁଅ ମିଶି ଏକ କାତିରେ ଦଣ୍ଡପାଣିଙ୍କୁ ଆକ୍ରମଣ କରିଥିଲେ। ଏନେଇ ଦଣ୍ଡପାଣି ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ନମ୍ବର ୧୪୨/୨୩ରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଚିନ୍ତାମଣି ଓ ତାଙ୍କ ଦୁଇ ପୁଅ ପଙ୍କଜ, ଭାସ୍କରଙ୍କୁ ଗିରଫ କରି ଅପରାହ୍ନରେ କୋର୍ଟ ଚାଲାଣ କରିଥିବା ନେଇ ପୋଲିସ ସୂଚନା ଦେଇଛି।

# ଧନନ୍ତର ପଞ୍ଚାୟତକୁ ସ୍ୱଚ୍ଛ ସବୁଜ ପୁରସ୍କାର



ଶେରଗଡ଼, ୯।୩(ଡି.ଏନ୍.ଏ.)
ଶେରଗଡ଼ ବ୍ଲକର ଧନନ୍ତର ପଞ୍ଚାୟତକୁ ରାଜ୍ୟସ୍ତରରେ ପୁରସ୍କୃତ କରାଯାଇଛି। ପଞ୍ଚାୟତରାଜ ଦିବସ ସମାରୋହରେ ମନ୍ତ୍ରୀ ଅଶୋକ କୁମାର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା ଓ ପ୍ରମୁଖ ସଚିବ ସୁଶୀଲ କୁମାର ଲୋହାନିଙ୍କ ଉପସ୍ଥିତରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଧନନ୍ତର ପଞ୍ଚାୟତକୁ ସ୍ୱଚ୍ଛ ସବୁଜ ଓ ମହିଳା ହିତସୈ କାର୍ଯ୍ୟରେ ଉତ୍ତମ ପ୍ରଦର୍ଶନ କରିବା ଦିଗରେ ଯୋଗ୍ୟ ବିବେଚିତ ହୋଇଥିବାରୁ ଏହି ଦୁଇଟି ପୁରସ୍କାର ପାଇଁ ୩ଲକ୍ଷ ଟଙ୍କାର ଦୁଇଟି ଚେକ ପ୍ରଦାନ କରାଯାଇଛି। ପଞ୍ଚାୟତ ପକ୍ଷରୁ ସରପଞ୍ଚ ରାଜେଶ ଜେନା ଓ ଗ୍ରାମସେବକ ଅଶୋକ କୁମାର ମହାନ୍ତି ପୁରସ୍କାର ଗ୍ରହଣ କରିଥିଲେ।

# ଗୋପାଳପୁର ବନ୍ଦର ପକ୍ଷରୁ ମା' ହାଣ୍ଡିଶାଳ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଉଛି ।

ଛତ୍ରପୁର,୯।୩(ଡି.ଏନ୍.ଏ.)
ସ୍ଥାନୀୟ ମହିଳାମାନଙ୍କୁ ସାବଲମ୍ବୀ ତଥା ଆର୍ଥିକ ଭାବେ ସ୍ୱଚ୍ଛଳ କରିବା ଉଦ୍ଦେଶ୍ୟ ନେଇ ଗୋପାଳପୁର ବନ୍ଦର, ଏହାର ସିଏସ୍‌ଆର ବିଭାଗ ଏବଂ ମହିମା ସ୍ୱୟଂ ସହାୟକ ଗୋଷ୍ଠୀର ମିଳିତ ପ୍ରୟାସରେ ସୁସ୍ୱାଦ ଖାଦ୍ୟ ପ୍ରସ୍ତୁତି ଓ ବଣ୍ଟନର ଅଭିନବ ପ୍ରୟାସ ମା' ହାଣ୍ଡିଶାଳ ନାମକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସୋମବାର ସ୍ଥାନୀୟ ସାନ ଆର୍ଯ୍ୟପଲ୍ଲୀ ଗ୍ରାମରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଗୋପାଳପୁର ବନ୍ଦରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭି.ଜେ. ରାଓ ଯୋଗଦେଇ ମହିମା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ବିଭିନ୍ନ ରନ୍ଧନ ଉପକରଣ, ଗ୍ୟାସ୍ ଚୁଲା ଏବଂ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦେଇଥିଲେ। ମହିଳାମାନଙ୍କ ମଧ୍ୟରେ ରୋଷେଇ କରିବାର ପୂର୍ଣ୍ଣ ଦକ୍ଷତା ଥିଲେ ମଧ ରନ୍ଧନ ଉପକରଣ ଏବଂ ବୃହତ୍ ପାତ୍ର ନ ଥିବାରୁ ଖାଦ୍ୟ ପ୍ରସ୍ତୁତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ସାମଗ୍ରୀ ଦ୍ୱାରା ମହିଳାମାନେ ସୁସ୍ୱାଦଯୁକ୍ତ ଖାଦ୍ୟ ପ୍ରସ୍ତୁତ କରିବା ସହ ରୋଜଗାରକ୍ଷମ ହେବାରେ ସହାୟକ ହେବ ବୋଲି ବନ୍ଦରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭି.ଜେ. ରାଓ କହିଛନ୍ତି। ମହିଳାମାନଙ୍କ ସଶକ୍ତ ବିନା କୌଣସି ଘର, ସମାଜ, ରାଜ୍ୟ କିମ୍ବା ଦେଶ ଆଗକୁ ବଢି ପାରିବ ନହିଁ। ସ୍ଥାନୀୟ ମହିଳାଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଏହି ପ୍ରୟାସ ଆଗାମୀ ଦିନରେ ବ୍ୟାପକ କରାଯିବ। ଫଳରେ ଅଧିକରୁ ଅଧିକ ମହିଳା ଏହି କାର୍ଯ୍ୟକ୍ରମରେ ସାମିଲ ହେବେ। ଏଥିରେ ନିଜର ଆର୍ଥିକ ମାନଦଣ୍ଡରେ ସୁଧାର ଆଣିବା ସାହ ସମାଜର ପ୍ରଗତିରେ ନିଜକୁ ସାମିଲ କରିପାରିବେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଗ୍ରାମବାସୀ, ବୁଦ୍ଧିଜୀବୀ ଓ ବନ୍ଦର ଅଧିକାରୀମାନେ ଉପସ୍ଥିତ ଥିଲେ।

## କନ୍ୟାରତ୍ନ ପାଇଁ ସାମାଜିକ ସନ୍ତୁଳନ ଆବଶ୍ୟକ

ପୋଲସରା,୯।୩(ଡି.ଏନ.ଏ.)
ଦିନକୁ ଦିନ କନ୍ୟା ଶିଶୁଙ୍କ ଲିଙ୍ଗଗତ ସମସ୍ୟାକୁ ନେଇ ଜିଲା ତଥା ରାଜ୍ୟରେ ଏକ ପ୍ରକାର ଚିନ୍ତାର ବିଷୟ ପାଲଟିଲାଣି। ଯାହାକୁ ନେଇ ଗୁରୁବାର ପୋଲସରା ବ୍ଲକ ବୈଠକ ଗୃହରେ ବିଜୁ କନ୍ୟା ରତ୍ନ ଯୋଜନା ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପୋଲସରା ସିଡିପିଓ କୁନ୍ତଳା କୁମାରୀ ନାୟକ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କୁ ଯୋଗଦେଇ କନ୍ୟା ରତ୍ନ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ସମ୍ମାନନୀୟ ଅତିଥି ଭାବେ ପୋଲସରା ବିଡ଼ିଓ କୈଳାସ ଚନ୍ଦ୍ର ମୁର୍ମୁ, ଏବିଡିଓ ଧର୍ମରାଜ ପରିଡ଼ା, ବ୍ଲକ ଅଧକ୍ଷା କଳ୍ପନା ପ୍ରଧାନ, ଉପାଧକ୍ଷ କାହ୍ନୁ ଚରଣ ପରିଡ଼ା, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ବିକ୍ରମ କୁମାର ନାୟକ, ଏମ୍‌ପି ପ୍ରତିନିଧି ପ୍ରତାପ ଚନ୍ଦ୍ର ପ୍ରଧାନ, ବିଧାୟକ ପ୍ରତିନିଧି ସୁକାନ୍ତ କୁମାର ଭୂୟାଁ ପ୍ରମୁଖ ଉପସ୍ଥିତ ରହି ବିଜୁ କନ୍ୟା ରତ୍ନ ଉପରେ ନିଜେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ବିଜୁ କନ୍ୟା ରତ୍ନ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟକୁ ସଫଳ କରିବାକୁ ନେଇ ସମସ୍ତ ଅଙ୍ଗନବାଡ଼ି କର୍ମୀ ଓ ମହିଳା ଜନପ୍ରତିନିଧି ମାନଙ୍କୁ ସିଡିପିଓ କୁନ୍ତଳା କୁମାରୀ ନାୟକ ସହଯୋଗ କରିବାକୁ ଆହ୍ୱାନ କରିଥିଲେ।

# ୧୫ରେ ଡ୍ରାଇଭର ମହାସଂଘର ଧର୍ମଘଟ



ଗଞ୍ଜାମ,୯।୩(ଡି.ଏନ.ଏ.)
ମାର୍ଚ୍ଚ ୧୫ରେ ଆନ୍ଦୋଳନକୁ ଓହ୍ଲାଇବ ଡ୍ରାଇଭର ମହାସଂଘ। ଡ୍ରାଇଭରଙ୍କ ସୁରକ୍ଷା, ସମ୍ମାନ ଏବଂ ଅଧିକାର ଦାବୀରେ ଧର୍ମଘଟ ସହିତ ଅଖଚକ ବନ୍ଦ କରିବ ବୋଲି ଚେତାବନୀ ଦେଇଛି ସଂଘ। ଏନେଇ ଗୁରୁବାର ବ୍ଲକ ଡ୍ରାଇଭର ସଂଘ ସଭାପତି ନରେନ୍ଦ୍ର ଚଣ୍ଡ, ଉପସଭାପତି ଧରଣୀଧର ସାହୁଙ୍କ ନେତୃତ୍ୱରେ ଶତାଧିକ ଡ୍ରାଇଭର ଗଞ୍ଜାମ ଥାନା ଆଇଆଇସି ସନ୍ତୋଷ କୁମାର ବେହେରା ଏବଂ ସାନ ବଜାର ବଣିକ ସଂଘ ସଭାପତି ସୁଧୀର କୁମାର ପାଢ଼ୀଙ୍କୁ ପୃଥକ ପୃଥକ ଭାବେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

# କଳିଙ୍ଗ ବୈଶ୍ୟ ସମାଜ ଖେମୁଣ୍ଡି ଅଞ୍ଚଳ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର



କୋଠା ନିର୍ମାଣ ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରୁଛନ୍ତି ଏମ୍‌ପି ।

ଦିଗପହଣ୍ଡି,୯।୩(ଡି.ଏନ.ଏ.)
ଦିଗପହଣ୍ଡି – ପୋଡାମାରୀ ରାସ୍ତାରେ ଥିବା ଖେମୁଣ୍ଡି ଅଞ୍ଚଳ କଳିଙ୍ଗ ବୈଶ୍ୟ ସମାଜ ଜମିରେ ଆଞ୍ଚଳିକ କାର୍ଯ୍ୟାଳୟର ନୂତନ ଗୃହ ନିର୍ମାଣ ନିମନ୍ତେ ଗୁରୁବାର ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ବୈଶ୍ୟ ସମାଜ କାର୍ଯ୍ୟକର୍ତ୍ତା ତଥା ପୂର୍ବତନ ସରପଞ୍ଚ ବି. କ୍ରିଷ୍ଣାରାଓ ସୁବୁଦ୍ଧି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସିର ପୂର୍ବତନ ନଗରପାଳ ତଥା ବିଧାୟକ ପ୍ରତିନିଧି ଭି. ରବିନାରାୟଣ ରାଜୁ, ଏମପି ପ୍ରତିନିଧି ନିରୂପମା ପଟ୍ଟନାୟକ, ଆଙ୍କୋରଡା ସରପଞ୍ଚ ପ୍ରତିନିଧି ଶିଶିର ପ୍ରଧାନ, କଳିଙ୍ଗ ବୈଶ୍ୟ ସମାଜର ଖେମୁଣ୍ଡି ଅଞ୍ଚଳ ସଭାପତି ବି. ନାରାୟଣ ସୁବୁଦ୍ଧିଙ୍କ ସମେତ ବିଭିନ୍ନ ଗ୍ରାମ ସ୍ଥିତ କଳିଙ୍ଗ ବୈଶ୍ୟ ସମାଜର ୨ ଶହରୁ ଅଧିକ ମହିଳା, ଯୁବଗୋଷ୍ଠୀ, ସମ୍ପାଦକ ବୃନ୍ଦ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଯୁବକଙ୍କ ଆତ୍ମହତ୍ୟା

ଶେରଗଡ଼, ୯।୩(ଡି.ଏନ୍.ଏ.): ଶେରଗଡ଼ ନିକଟସ୍ଥ ପଟାପାଦୁଲି ଗ୍ରାମର ଚନ୍ଦ୍ର ଗୌଡ଼ ପାରିବାରିକ ଅଶାନ୍ତିରୁ ବେକରେ ରଶି ଲଗାଇ ଛାତ ଲୁହାରେ ଓହଳି ଆତ୍ମହତ୍ୟା କରିଛନ୍ତି। ପୋଲିସ ଡାକ୍ତରଖାନାରେ ପହଁଚି ଶବ ଜବତ କରିବା ଶହ ବ୍ୟବଚ୍ଛେଦ ପାଇଁ ଆସିକା ପଠାଇଛନ୍ତି। ଏନେଇ ଶେରଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବେଚ୍ଛେଦ ରିପୋର୍ଟ ଆସିଲା ପରେ ଘଟଣା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ମହିଳା ଦିବସ ପାଳିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଚିକିଟି,୯।୩(ଡି.ଏନ.ଏ.)
ଗଞ୍ଜାମ ଜିଲା ଚିକିଟି ବ୍ଲକ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ସିଡିପିଓ ଗୀତାଞ୍ଜଳି ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏବିଡ଼ିଓ ଚକ୍ରଧର ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷ ଆପନା ସେଠୀ, ଉପାଧାକ୍ଷା ବି. ରେଣୁକାମ୍ମା ରେଡ୍ଡୀ, ଏବିଇଓ ନିଗମାନନ୍ଦ ପଣ୍ଡା ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଦାମ ପାଣିଗ୍ରାହୀ, ଜିଲା ତାଲିମ ଅଧିକାରୀ ଅମୀୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ବାଲ୍ୟ ବିବାହ ଉଚ୍ଛେଦ, ଲିଙ୍ଗଭେଦ ଦୂର, କନ୍ୟାଭ୍ରୁଣ ହତ୍ୟା ରୋକିବା, କନ୍ୟା ସନ୍ତାନକୁ ଉପଯୁକ୍ତ ଶିକ୍ଷାଦାନ ଦେବା, ମୋ ଗେହ୍ଲାଝିଅ କାର୍ଯ୍ୟକ୍ରମକୁ ଅଧିକ ଲୋକାଭିମୁଖୀ କରିବା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜଣେ ଅଙ୍ଗନବାଡି କର୍ମୀ ଓ ୩ ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ପୁରସ୍କୃତ କରାଯାଇଥିଲା।

# ବିଜେଡିର ମହିଳା ସମାବେଶ, ରକ୍ତଦାନ ଶିବିର



ସମାବେଶରେ ଉପସ୍ଥିତ ମହିଳା ।

ଦିଗପହଣ୍ଡି,୯।୩(ଡି.ଏନ.ଏ.)
ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ବୋରିପଦର-ମଧୁବନ ଗ୍ରାମ ଶ୍ରୀ ଲୋକନାଥେଶ୍ୱର ଶୈବପୀଠ ପ୍ରାଙ୍ଗଣରେ ମହିଳା ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର ଏକ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିସହ ଓଡ଼ିଶା ମୋ ପରିବାର, ଜୀବନ ବିନ୍ଦୁ ଓ ବିଜୁ ଯୁବ ଛାତ୍ର ଜନତା ଦଳର ମିଳିତ ଅନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସ୍ଥାନୀୟ ସରପଞ୍ଚ ମନୋରଞ୍ଜନ ଗୌଡ ଓ ମହିଳା ବିଜେଡ଼ି ଦିଗପହଣ୍ଡି ବ୍ଲକ ସଭାନେତ୍ରୀ ଉମା ମହେଶ୍ୱରୀ ସେଠୀଙ୍କ ମିଳିତ ସଭାପତିତ୍ୱରେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ମହିଳା ଏହି ବିଶାଳ ସମାବେଶରେ ସାମିଲ ହୋଇଥିଲେ। ଏହି ସମାବେଶରେ ବ୍ଲକ ଅଧକ୍ଷା ସୁନୀତା ସେଠୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ମହତ୍ୱ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ସେହିପରି ମହିଳା ବିଜେଡ଼ି କୁକୁଡ଼ାଖଣ୍ଡି ବ୍ଲକ ସଭାନେତ୍ରୀ ନିରୁପମା ପାତ୍ର, ବ୍ଲକ ଉପାଧକ୍ଷା ବିଷ୍ଣୁପ୍ରିୟା ପାତ୍ର, ଦିଗପହଣ୍ଡି ବ୍ଲକ ଉପାଧକ୍ଷା ସୁକାନ୍ତି ପ୍ରଧାନ, ମହିଳା ବିଜୁ ଜନତା ଦଳ ଗଞ୍ଜାମ ଜିଲା ସମ୍ପାଦିକା ପ୍ରିୟମ୍ବଦା ପାଢୀ, ନମିତା ପାତ୍ର, ବ୍ରହ୍ମପୁର ଏମପି ପ୍ରତିନିଧି ନିରୂପମା ପଟ୍ଟନାୟକ, ମହିଳା ବିଜେଡ଼ି ଦିଗପହଣ୍ଡି ବ୍ଲକ ସଭାନେତ୍ରୀ ଅନିତା ବେହେରା, ମହିଳା ବିଜେଡ଼ି ଜିଲା ଡିଜିଟାଲ ସମ୍ପାଦିକା ରଶ୍ମିତା କୁମାରୀ ପ୍ରଧାନ ଯୋଗଦେଇ ମହିଳା ସଶକ୍ତିକରଣ ପାଇଁ ବିଜେଡ଼ି ଦଳ ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଯୁଗାନ୍ତକାରୀ ପଦକ୍ଷେପ ଗୁଡ଼ିକ ସମ୍ପର୍କରେ ଉଦବୋଧନ ଦେଇଥିଲେ। ଏଥିରେ ୩୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲ।

# ବୋମା, ପଥର ମାଡ଼ ଘଟଣାରେ ଅନ୍ୟ ଅଭିଯୁକ୍ତ ଗିରଫ

ଗୋପାଳପୁର,୯।୩(ଡି.ଏନ.ଏ.)
ପୂର୍ବ ଶତ୍ରୁତା ଓ ରାଜନୀତିକୁ କେନ୍ଦ୍ରକରି ବୋମା ଓ ପଥର ମାଡ଼ ଘଟଣାରେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗୋଳନ୍ଥରା ଥାନା ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ପିତାତଳି ଗ୍ରାମର ଯୁଧିଷ୍ଠିର ସେଠୀ। ଘଟଣା ପରଠାରୁ ଯୁଧିଷ୍ଠିର ଫେରାର ଥିବା ବେଳେ କୃଷ୍ଣନଗର ଅଞ୍ଚଳରେ ଥିବ ଖବର ପାଇ ଗୋଳନ୍ଥରା ଥାନା ପୋଲିସ ଗୁରୁବାର ମଧ୍ୟାହ୍ନରେ ସେଠାରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଯୁଧିଷ୍ଠିର ଅସଭ୍ୟ ଭାଷାରେ ଗାଳିଗୁଲଜ ଓ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ପରେ ପୋଲିସ ଯୁଧିଷ୍ଠିରଙ୍କୁ କାବୁ କରିଥିଲା। ଅପରାହ୍ନରେ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ନମ୍ବର ୩୯/୨୩ରେ ମାମଲା ରୁଜୁ ହୋଇଛି। ଅନ୍ୟପଟେ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ ପାଇଁ ଚେଷ୍ଟା କରିଥିବା ନେଇ ଥାନାରେ ପୋଲିସ ଆଡୁ ମଧ ୧୪୩/୨୩ ପ୍ରକାରେ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ଗୋଳନ୍ଥରା ଥାନା ଅନ୍ତର୍ଗତ ପିତାତଳି ଗ୍ରାମରେ ଦୀର୍ଘ ବର୍ଷ ହେବ ଦୁଇ ଗୋଷ୍ଠୀ ମଧ୍ୟରେ ରାଜନୈତିକ ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବାଦ ବିବାଦ ଲାଗି ରହିଛି। ଗତ ଜାନୁଆରୀ ୨୨ ତାରିଖରେ ଦୁଇ ଗୋଷ୍ଠୀ ମଧ୍ୟରେ ପଥର ଓ ବୋମା ମାଡ଼ ହୋଇଥିଲା।

